## ଆନ୍ତଃରାଜ୍ୟ ବସ୍ ଜବତ କଲା ପୋଲିସ

ବାରିପଦା ଅଫିସ- କୋଭିଡ୍-୧୯ କଟକଣାକୁ ନେଇ ଆନ୍ତଃରାଜ୍ୟ ଚଳାଚଳ କରୁଥିବା ଏକ ଘରୋଇ ବସ୍‌କୁ ପୋଲିସ ସୋମବାର ରାତି ୧୦ଟାରେ ଜବତ କରିଛି। ଏହା ସହ ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଅଟକ ରଖିଛି। ରାଜ୍ୟ ସରକାର ଆନ୍ତଃରାଜ୍ୟ ବସ୍ ଚଳାଚଳକୁ ବାରଣ କରିଥିବା ବେଳେ ଉକ୍ତ ବସ୍‌ଟି କୋଲକାତା ଅଭିମୁଖେ ଯିବା ପାଇଁ ପ୍ରସ୍ତୁତ ହେଉଥିଲା। ଖବରପାଇ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ବସ୍‌ଟିକୁ ଜବତ କରିଛନ୍ତି।

# ଆର୍‌ଟି-ପିସିଆର୍ ପରୀକ୍ଷାକୁ ଦିଆଯାଉନି ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୨୦।୪**

ବାଲେଶ୍ୱର ଜିଲାରେ କରୋନା ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। ବେକାବୁ ସ୍ଥିତିର ମୁକାବିଲା କରିବା ପାଇଁ ଆର୍‌ଟି-ପିସିଆର୍ ଓ ଆଣ୍ଟିଜେନ୍ ପରୀକ୍ଷା ମୁଖ୍ୟ ଆଧାର। ଆଣ୍ଟିଜେନ ଟେଷ୍ଟ ରିପୋର୍ଟ ଖୁବ୍ କମ୍ ସମୟ ମଧ୍ୟରେ ମିଳିଯାଉଥିବାରୁ ଏହାକୁ ଅଧିକାଂଶ ଗୁରୁତ୍ୱ ଦେଉଛନ୍ତି। ଫଳରେ ଆଣ୍ଟିଜେନ୍ ପରୀକ୍ଷାରେ ନେଗେଟିଭ ଆସୁଥିବା ରିପୋର୍ଟ ଆର୍‌ଟି-ପିସିଆରରେ ପଜିଟିଭ ଆସୁଥିବା ଅଭିଯୋଗ ହେଉଛି। ଏସବୁ ସତ୍ତ୍ୱେ ଜିଲାରେ ଆର୍‌ଟି-ପିସିଆର୍ ଅପେକ୍ଷା ଆଣ୍ଟିଜେନ୍ ଉପରେ ଗୁରୁତ୍ୱ ଦିଆଯାଉଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ଆର୍‌ଟି-ପିସିଆର୍ ଓ ଆଣ୍ଟିଜେନ୍ ପରୀକ୍ଷା କରାଯାଉଥିବା ବେଳେ ବିଭିନ୍ନ ବ୍ଲକରେ କେବଳ ଆଣ୍ଟିଜେନ୍ ପରୀକ୍ଷା କରାଯାଉଛି। ଏବେ ଆର୍‌ଟି-ପିସିଆର୍ ୬ଶହ ଟାର୍ଗେଟ୍ ରଖାଯାଇଥିବା ବେଳେ ଆଣ୍ଟିଜେନ୍ ପରୀକ୍ଷା ୧୪ଶହ ରଖାଯାଇଛି। ପ୍ରତିଦିନ ହସ୍‌ପିଟାଲକୁ ଯେକୌଣସି ଲୋକ ଆସିଲେ ପ୍ରଥମେ ଆଣ୍ଟିଜେନ୍ ପରୀକ୍ଷା କରାଯାଉଛି। ତା'ପରେ ଆଣ୍ଟିଜେନ୍ ରିପୋର୍ଟ ନେଗେଟିଭ୍ ଥାଇ ଲକ୍ଷଣ ଦେଖାଗଲେ ହିଁ ଆର୍‌ଟି-ପିସିଆର୍ ପରୀକ୍ଷା କରିବାକୁ କୁହାଯାଉଛି ବୋଲି କୋଭିଡ୍ କଣ୍ଟ୍ରୋଲ ରୁମ୍‌ରୁ ସୂଚନା ମିଳିଛି। ତେବେ ଜିଲାରେ ଥିବା ଆର୍‌ଟିପିସିଆର୍ ଟାର୍ଗେଟ୍ ଅନୁସାରେ ପରୀକ୍ଷା ହେଉ ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ହସ୍‌ପିଟାଲରେ ଆର୍‌ଟି-ପିସିଆର୍ ପରୀକ୍ଷା ଅପେକ୍ଷା ଆଣ୍ଟିଜେନ୍ ପରୀକ୍ଷା ପାଇଁ ବାହାର ରାଜ୍ୟର ଟିକେଟ୍ ନ ହେଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କିମ୍ବା କଣ୍ଟ୍ରୋଲ ରୁମ୍‌ର ଅନୁମତି ଥିଲେ ହିଁ ପରୀକ୍ଷା ହୋଇପାରିବ। ନ ହେଲେ କେବଳ ଆଣ୍ଟିଜେନ୍ ପରୀକ୍ଷା କରି ଛାଡ଼ି ଦେଉଛନ୍ତି। କିନ୍ତୁ ଆର୍‌ଟି-ପିସିଆର୍ ପରୀକ୍ଷା ବହୁତ କମ୍ କରାଯାଉଛି। ଯେଉଁଥିପାଇଁ କେତେ ପଜିଟିଭ୍ ତାହା ସ୍ପଷ୍ଟ ଜଣାପଡୁନି। ବେଳେ ବେଳେ ଲକ୍ଷଣ ଥାଇ ବି ଆର୍‌ଟି-ପିସିଆର ପରୀକ୍ଷା ନ କରି ଆଣ୍ଟିଜେନ୍ ପରୀକ୍ଷା କରାଯାଉଛି। ଅନ୍ୟ ଜିଲାରେ ଆର୍‌ଟି-ପିସିଆର୍ ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ବାଲେଶ୍ୱର ଜିଲାରେ ଆଣ୍ଟିଜେନ୍ ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ତେବେ କରୋନା ମହାମାରୀର ବୃଦ୍ଧିକୁ ଦେଖି ଜିଲାରେ ଆର୍‌ଟି-ପିସିଆର୍ ପରୀକ୍ଷା ଅଧିକ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।

### ଅସହାୟ ସ୍ଥିତିରେ କରୋନା



ଜଣେ ଯୁବତୀଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି।

ଜିଲା କୋଭିଡ୍ ନୋଡାଲ ଅଧିକାରୀ ଡା. ସୁଭ୍ରଜିତ୍ ଗିରିଙ୍କ ସୂଚନା ଅନୁସାରେ, ଗତ ୧୬ ତାରିଖରେ ୨୨୩୬ଟି ଆଣ୍ଟିଜେନ୍ ଏବଂ ୩୬୪ଟି ଆର୍‌ଟି-ପିସିଆର୍ ପରୀକ୍ଷା କରାଯାଇଥିଲା। ୧୭ରେ ୨୦୦୯ଟି ଆଣ୍ଟିଜେନ, ୪୬୮ ଆର୍‌ଟି-ପିସିଆର୍, ୧୮ରେ ୧୧୬୯ଟି ଆଣ୍ଟିଜେନ୍, ୫୦୩ଟି ଆର୍‌ଟି-ପିସିଆର୍ ଏବଂ ୧୯ରେ ୨୩୪୪ ଆଣ୍ଟିଜେନ୍, ୪୮୨ଟି ଆର୍‌ଟି-ପିସିଆର୍ ପରୀକ୍ଷା କରାଯାଇଛି। ଆଣ୍ଟିଜେନ୍ ପରୀକ୍ଷା ୨୪ ଘଣ୍ଟିଆ କରାଯାଉଥିବା ବେଳେ ଆର୍‌ଟି-ପିସିଆର୍ ପରୀକ୍ଷା ସକାଳ ୯ରୁ ୫ଟା ଯାଏ କରାଯାଉଛି। ବାକି ଅଧିକ ଗୁରୁତର କେସ୍ ଆସିଲେ ଆର୍‌ଟି-ପିସିଆର୍ ପରୀକ୍ଷା କରାଯାଇଥାଏ। ଯେହେତୁ ଆଣ୍ଟିଜେନ୍ ପରୀକ୍ଷାରେ ୧୫ମିନିଟ୍‌ରେ ରିପୋର୍ଟ ବାହାରୁଛି ସେଥିପାଇଁ ଏହାକୁ ଅଧିକ ଗୁରୁତ୍ୱ ଦିଆଯାଉଛି।

ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦ୍ଦେବ କହିଛନ୍ତି ଯେ, ଯେତିକି ଟାର୍ଗେଟ୍ ଅଛି ସେତିକି ପରୀକ୍ଷା କରାଯାଉଛି। ମାର୍ଚ୍ଚ ୧୭ରେ ଦିନକୁ ୩ଶହ ଆର୍‌ଟି-ପିସିଆର୍ ଏବଂ ଆଣ୍ଟିଜେନ୍ ୧୭୦୦ଟି ପରୀକ୍ଷା ପାଇଁ ଟାର୍ଗେଟ୍ ଥିଲା। ଏପ୍ରିଲ ୧୭ରେ ଆସିଥିବା ଗାଇଡ୍‌ଲାଇନ୍ ଅନୁସାରେ ବର୍ତ୍ତମାନ ଜିଲାରେ ୬୦୦ ଆର୍‌ଟି-ପିସିଆର୍ ଏବଂ ଆଣ୍ଟିଜେନ୍ ପରୀକ୍ଷା ୧୪୦୦ ଟାର୍ଗେଟ୍ ରହିଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଆମେ ଏତିକି ଲେଖାଏଁ ପରୀକ୍ଷା କରୁଛୁ।

## କକା ମାଡ଼ରେ ଝିଅାରି ଗୁରୁତର

### ମଦ ପାଇଁ ଟଙ୍କା ନ ଦେବାରୁ ବାଉଁଶରେ ପିଟିଲେ

**ଉଦଳା, ୨୦।୪ (ଡି.ଏନ.ଏ.)**

ମଦ ପିଇବା ପାଇଁ ଟଙ୍କା ନ ଦେବାରୁ କକା ମାଡ଼ରେ ନାବାଳିକା ଝିଅାରି ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୩୭/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ କକା ଜଗନ ସିଂ ଫେରାର ଥିବା ପୋଲିସ ସୂଚନା ଦେଇଛି। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଘାଗରାଗଡ଼ି ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ସୂଚନା ଅନୁଯାୟୀ, ଜଗନ ତାଙ୍କ ନାବାଳିକା ଝିଅାରୀକୁ ମଦ ପିଇବା ନିମନ୍ତେ ୫୦୦ ଟଙ୍କା ମାଗିଥିଲେ। ଝିଅାରୀ ଟଙ୍କା ନ ଦେବାରୁ ଜଗନ ଉତ୍କ୍ଷିପ୍ତ ହୋଇ ଏକ ବାଉଁଶରେ ତାଙ୍କୁ ବାଡ଼େଇଥିଲେ। ଫଳରେ ଝିଅାରି ଗୁରୁତର ହୋଇ ପଡ଼ିଥିବା ବେଳେ ତାଙ୍କ ମୁଣ୍ଡ, ମୁହଁ, ଆଖି ଓ ହାତରେ ଗଭୀର ଆଘାତ ଲାଗିଛି। ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ଅନ୍‌ଲାଇନରେ ୧୦ ଲକ୍ଷ ଠକେଇ

**ବାରିପଦା ଅଫିସ, ୨୦।୪:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ଲାଲବଜାର ଅଞ୍ଚଳର ତପନ କୁମାର ଦାସ ଅନଲାଇନ ଠକେଇର ଶିକାର ହୋଇଛନ୍ତି। ଏକ କମ୍ପାନୀରେ ଡିଷ୍ଟ୍ରିବ୍ୟୁଟର ନିମନ୍ତେ ଆବେଦନ କରିବା ପାଇଁ ୧୦ଲକ୍ଷ ଟଙ୍କା ଜମା କରିବା ପରେ ଉକ୍ତ ସଂସ୍ଥା ଦ୍ୱାରା ସେ ଠକେଇର ଶିକାର ହୋଇଥିବା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩୮୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

**ପାଟଣା, ୨୦।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅଗ୍ନିଶମ ବିଭାଗ ପକ୍ଷରୁ ପାଟଣା ତହସିଲ କାର୍ଯ୍ୟାଳୟ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ଏକ ମକ ଡ୍ରିଲ ଅନୁଷ୍ଠିତ ହୋଇଛି। ତହସିଲରେ ମୁଖ୍ୟ କିରାଣୀ ରତିରଞ୍ଜନ ମହାନ୍ତ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ଼. ଶୁଭେନ୍ଦୁ ସାଗର କୁମାର ନାଏକଙ୍କ ଉପସ୍ଥିତିରେ ପାଟଣା ଅଗ୍ନିଶମ କାର୍ଯ୍ୟାଳୟ ଷ୍ଟେଶନ ପରିଚାଳକ ମନୋରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଆଗ୍ନିକ ଚାନ୍ଦରାୟ ସୋରେନ, ମଳୟ କୁମାର ମଲ୍ଲିକ, ଯତୀଶ ଚନ୍ଦ୍ର ମୁଦୁଲି ପ୍ରମୁଖ ନିଆଁ ଲିଭାଇବା କୌଶଳ, ଉଦ୍ଧାର କାର୍ଯ୍ୟ ଆଦି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ।

### ଜାତୀୟ କବି ବାଞ୍ଛାନିଧି ଜୟନ୍ତୀ

**ଭଦ୍ରକ ଅଫିସ, ୨୦।୪:** ଭଦ୍ରକ ସ୍ଥିତ ବାଞ୍ଛାନିଧି ଭବନରେ ଜାତୀୟ କବି ସ୍ୱର୍ଗତ ବାଞ୍ଛାନିଧି ମହାନ୍ତିଙ୍କର ୧୨୪ତମ ଜୟନ୍ତୀ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ରତିକାନ୍ତ ଦାସ, ଡ. ରବି ନାରାୟଣ ମହାପାତ୍ର, ଶିକ୍ଷାବିତ୍ ରତିକାନ୍ତ ବେହେରା, ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ, କବିଙ୍କର ପୌତ୍ର କୃଷ୍ଣଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

### ବିଭିନ୍ନ ସମସ୍ୟା ନେଇ ଚାଷୀଙ୍କ ଗଣଧାରଣା

**ରାଇରଙ୍ଗପୁର, ୨୦।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବଡିଭିଜନ ଅଧୀନ କୁସୁମୀ ବ୍ଲକ୍‌ର ହାଟବାଦଡ଼ା ସମେତ ବିଭିନ୍ନ ବ୍ଲକ୍‌ର ଗ୍ରାମାଞ୍ଚଳରେ ସରକାରଙ୍କ ଧାନକ୍ରୟ ଏବଂ ବିଭିନ୍ନ ସମସ୍ୟା ନେଇ ଚାଷୀମାନେ ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଓଡ଼ିଶା ରାଜ୍ୟ ଅଲ୍‌ଇଣ୍ଡିଆ କିଶାନକ୍ଷେତ ମଜଦୁର ସଂଗଠନ ରାଇରଙ୍ଗପୁର ଶାଖାର ଆବାହକ ମଙ୍ଗଲଲାଲ ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ଚାଷୀ ରାମଚନ୍ଦ୍ର ହେମ୍ବ୍ରମ୍, ରବୀନ୍ଦ୍ରନାଥ ମହାନ୍ତ, ଡମାନ ମାଝି, କର୍ମୁଧର ଲୋହାରଙ୍କ ସମେତ ବହୁସଂଖ୍ୟକ ଚାଷୀ କୋଭିଡ୍ କଟକଣା ମାନି ଗଣଧାରଣା ଦେଇଥିଲେ। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଗଣଧାରଣା ଚାଲୁ ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ଦିଲ୍ଲୀରେ କରୋନା ଆକ୍ରାନ୍ତ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ଲଙ୍ଗଳେଶ୍ୱର, ୨୦।୪(ଡି.ଏନ.ଏ.)**



ସୁବ୍ରତ।

କରୋନାର ଦ୍ୱିତୀୟ ଲହର ସଂକ୍ରମଣ ହାର ଦେଶରେ କ୍ଷୀପ୍ର ଗତିରେ ବଢ଼ିବାରେ ଲାଗିଛି। ଦିଲ୍ଲୀରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଭିକାଗଡିଆ ଗ୍ରାମର ସୁବ୍ରତ ସାମଲ କରୋନାରେ ଆକ୍ରାନ୍ତ ହୋଇ ସୋମବାର ଦିଲ୍ଲୀରେ ପ୍ରାଣ ହରାଇଛନ୍ତି। ସେ ସେଠାରେ କାର୍ଯ୍ୟରତ ଥିବା ବେଳେ କରୋନାରେ ଆକ୍ରାନ୍ତ ହୋଇ କୋଭିଡ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କର ମୃତ୍ୟୁ ଖବର ମିଳିବା ପରେ ବାଲିଆପାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୭ ଗୋରୁ ସହ ୨ ପିକଅପ୍ ଜବତ, ୪ ଗିରଫ



ଜବତ ଗୋରୁ ଗାଡ଼ି।

**ବାଲେଶ୍ୱର ଅଫିସ, ୨୦।୪**

ବଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ବାମପଦା ଛକରେ ମଙ୍ଗଳବାର ମଧ୍ୟାହ୍ନରେ ଭୁବନେଶ୍ୱରରୁ ବସ୍ତା ଯାଉଥିବା ୨ଟି ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡ଼ି୦୫ଏମ୍-୭୩୨୪) ଓ (ନଂ. ଓଡ଼ି୦୫ଏଏକ୍ସ-୯୦୭୨) ଯୋଗେ ୭ଟି ଗୋରୁ ଯାଉଥିବା ବେଳେ ଶିଳ୍ପାଞ୍ଚଳ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ବେଆଇନ ଭାବେ ଗୋରୁ ଚାଲାଣ କରୁଥିବାରୁ ୨ଟି ପିକଅପ୍ ଭ୍ୟାନ୍‌କୁ ଜବତ କରାଯାଇଛି। ୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ୨ଟି ପିକଅପ୍ ଭ୍ୟାନ୍‌ରେ ଥିବା ୪ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲା ନିଆଳି ଥାନା କାଶୀନାଥ ଖଟୁଆ (୩୬), ଅନୟ ସାହୁ (୨୮), ଗୋବିନ୍ଦପୁର ଥାନା ଦେବେନ୍ଦ୍ର ସାହୁ (୩୫) ଓ ରତିକାନ୍ତ ପରିଡ଼ା (୨୬)। ଏନେଇ ଶିଳ୍ପାଞ୍ଚଳ ଥାନାରେ ଏକ ମାମଲା (ନଂ. ୫୫/୨୧) ରୁଜୁ କରାଯାଇ ୪ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଉଦ୍ଧାର ଗୋରୁଙ୍କୁ ଭାରତୀ ଗୋସେବା କେନ୍ଦ୍ରରେ ରଖାଯାଇଥିବା ଶିଳ୍ପାଞ୍ଚଳ ଥାନା ଆଇଆଇସି ମୀନତି ବିଶ୍ୱାଳ ପ୍ରକାଶ କରିଛନ୍ତି।

## ୬୩ ନୂଆ ଆକ୍ରାନ୍ତ ଚିହ୍ନଟ, ଜଣେ ମୃତ

**ଭଦ୍ରକ ଅଫିସ, ୨୦।୪**

ଭଦ୍ରକ ଜିଲାରୁ ୬୩ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣଙ୍କ ମୃତ୍ୟୁ ହୋଇଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮ ହଜାର ୩୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୭୬୨୨ ଜଣ ସୁସ୍ଥ ହୋଇଛନ୍ତି। ମୋଟ ମୃତ୍ୟୁ ସଂଖ୍ୟା ୨୬କୁ ବୃଦ୍ଧି ହୋଇଛି। ଜିଲାରେ ମୋଟ ୩ ଲକ୍ଷ ୩୨ ହଜାର ୬୫୦ଜଣଙ୍କ ନମୁନା ପରୀକ୍ଷା କରାଯାଇଛି। ଏବେ ଜିଲାରେ ମୋଟ ୩୮୭ ସକ୍ରୀୟ ଆକ୍ରାନ୍ତ ରହିଛନ୍ତି।

## ଭଦ୍ରକରେ ଶଟ୍‌ଡାଉନ ଗାଇଡ୍‌ଲାଇନ ଜାରି

**ଭଦ୍ରକ ଅଫିସ, ୨୦।୪**

ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସମଗ୍ର ରାଜ୍ୟରେ ଆସନ୍ତା ୨୪ ତାରିଖଠାରୁ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ କଟକଣା ଲାଗୁ ହେବ। ଏନେଇ ଭଦ୍ରକ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଜିଲା ପାଇଁ କଟକଣା ଗାଇଡ୍‌ଲାଇନ ଜାରି କରିଛନ୍ତି। ଭଦ୍ରକ ପୌରପାଳିକା ଅଞ୍ଚଳ ସମେତ ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଏନ୍‌ଏସି, ଧାମନଗର ଏନ୍‌ଏସି ଅଞ୍ଚଳ, ଭଦ୍ରକ ବ୍ଲକର ପୌରପାଳିକା ସଂଲଗ୍ନ ରାନ୍ଦିଆ, ଏରେଇଁ ପଞ୍ଚାୟତର ଧଳସାହି, ଗେଲପୁର ପଞ୍ଚାୟତର ସାମରାଇପୁର ଅଞ୍ଚଳ ଶୁକ୍ରବାର ରାତି ୯ଟାଠାରୁ ସୋମବାର ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଓ ଶଟ୍‌ଡାଉନ କଟକଣା ମଧ୍ୟରେ ରହିବ। ଏହି ସପ୍ତାହାନ୍ତ ସଟ୍‌ଡାଉନ ମେ ୧୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଶଟ୍‌ଡାଉନ ସମୟରେ ଖବରକାଗଜ ହକରମାନେ ସକାଳ ୫ଟାରୁ ୮ଟା ମଧ୍ୟରେ ଖବରକାଗଜ ବଣ୍ଟନ କରିବେ।

## ଆନ୍ତଃରାଜ୍ୟ ସୀମାରେ ଯାଞ୍ଚ କଡ଼ାକଡ଼ି



ବାହାର ରାଜ୍ୟରୁ ଆସିଥିବା ଯୁବକମାନଙ୍କୁ ପୋଲିସ ମାସ୍କ ପିନ୍ଧିବା ପାଇଁ ବୁଝାଉଛି।

**ସାରସକଣା, ୨୦।୪**

ମୟୂରଭଞ୍ଜ ଜିଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିଲା ବେଳେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମା ସଂଲଗ୍ନ ଝାରପୋଖରିଆ ଥାନା ଅନ୍ତର୍ଗତ ଆନ୍ତଃରାଜ୍ୟ ସୀମା ଜାମଶୋଳା ତନଖି ଫାଟକଠାରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଝାରପୋଖରିଆ ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୋଇ ଉପସ୍ଥିତ ରହି ଗାଡ଼ି ଚାଳକମାନଙ୍କୁ କରୋନା ସଂକ୍ରମଣ ରୋକିବା ପାଇଁ ମାସ୍କ ଏବଂ ସାନିଟାଇଜର ବ୍ୟବହାର କରିବାକୁ ପରାମର୍ଶ ଦେଉଛନ୍ତି। ଏହି ତନଖି ଫାଟକ ନିକଟରେ ପରିବହନ ବିଭାଗ ତରଫରୁ ଏକ ଅସ୍ଥାୟୀ ଅଫିସ ଖୋଲାଯାଇଛି। ସରକାରଙ୍କ ନୂତନ କୋଭିଡ୍ ଗାଇଡ୍‌ଲାଇନ୍ ମୁତାବକ ଯେଉଁମାନେ ବାହାର ରାଜ୍ୟରୁ ଆସୁଛନ୍ତି ସେମାନେ ଆର୍‌ଟିପିସିଆର ଟେଷ୍ଟ ରିପୋର୍ଟ ଦେଖାଇବା ପରେ ଓଡ଼ିଶା ମଧ୍ୟକୁ ପ୍ରବେଶ ଅନୁମତି ମିଳୁଛି। ଯେଉଁମାନେ ଟେଷ୍ଟ ନ କରି ଆସୁଛନ୍ତି ଏକ ସ୍ୱତନ୍ତ୍ର ଫର୍ମରେ ସେମାନଙ୍କ ସମସ୍ତ ତଥ୍ୟ ରଖାଯାଇ ୭ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ସହ ଟେଷ୍ଟ କରିବା ପାଇଁ ପରାମର୍ଶ ଦିଆଯାଉଛି। ତେବେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ସମୟରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଥିବାରୁ ଗାଡ଼ି ମୋଟର ଚଳାଚଳ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି।

## କୋର୍ଟ କାର୍ଯ୍ୟରେ ଯୋଗ ନ ଦେବାକୁ ଓକିଲ ସଂଘର ନିଷ୍ପତ୍ତି

**ବଡବିଲ, ୨୦।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲରେ କରୋନା ଭୟ ଘାରିଛି। କୋର୍ଟର କର୍ମଚାରୀ, ଓକିଲ ଏବଂ ଓକିଲ କିରାଣୀଙ୍କ ମଧ୍ୟରେ କରୋନା ଭୂତାଣୁ ବ୍ୟାପିବାର ଆଶଙ୍କାକୁ ଏଡାଇବା ନିମନ୍ତେ ମଙ୍ଗଳବାର ବଡବିଲ ଓକିଲ ସଂଘ ଅନିର୍ଦ୍ଦିଷ୍ଟ କାଳପାଇଁ କୋର୍ଟ କାର୍ଯ୍ୟରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ମଙ୍ଗଳବାର କୋର୍ଟ ଚାଲୁ ହେବା ପୂର୍ବରୁ ବଡବିଲ ଓକିଲ ସଂଘ ଏକ ନିଷ୍ପତ୍ତିପତ୍ର ଏଡିଜେ କ୍ୟାମ୍ପ କୋର୍ଟ ଓ ଜେଏମଏଫସି କୋର୍ଟରେ ଦାଖଲ କରିଥିବା ଜଣାପଡିଛି। ବଡ଼ବିଲରେ ଦିନକୁଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସୋମବାର ଓକିଲ ସଂଘର ହ୍ୱାଟ୍‌ସ ଆପ ଜରିଆରେ ଓକିଲଙ୍କର ଜରୁରୀକାଳୀନ ମତାମତ ଲୋଡାଯାଇଥିଲା। ସର୍ବସମ୍ମତିକ୍ରମେ କୋର୍ଟକାର୍ଯ୍ୟରୁ ବିରତ ରହିବାକୁ ବଡବିଲ ଓକିଲ ସଂଘ ନିଷ୍ପତ୍ତି ନେଇଛି। ତେବେ ଜନସାଧାରଣଙ୍କ ସୁବିଧା ନିମନ୍ତେ କେବଳ ଜରୁରୀକାଳୀନ କୋର୍ଟ କାର୍ଯ୍ୟରେ ଓକିଲ ସଂଘ ସହଯୋଗ କରିବ ଏବଂ ଏ ନେଇ ନିଷ୍ପତ୍ତିପତ୍ର ଉଭୟ ବିଚାରପତି ଏବଂ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଥିବା ଓକିଲ ସଂଘ ସଭାପତି ବଳରାମ ମହାନ୍ତି ସୂଚନା ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଏବଂ କୋର୍ଟର ନିର୍ଦ୍ଦେଶାନୁଯାୟୀ ଏହି ନିଷ୍ପତ୍ତି ବଦଳିପାରେ ବୋଲି ଓକିଲ ସଂଘ ସଭାପତି କହିଛନ୍ତି।

## ଡାକ୍ତରଖାନାରେ ନାହିଁ ଅଗ୍ନି ନିର୍ବାପକ ବ୍ୟବସ୍ଥା

**ଖଇରା, ୨୦।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅଗ୍ନି ନିର୍ବାପକ ବ୍ୟବସ୍ଥା ସୂଚାରୁ ରୂପେ କାର୍ଯ୍ୟ କରୁନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ଖଇରା ଅଗ୍ନିଶମ ବିଭାଗର ଅଧିକାରୀ। ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମକଡ୍ରିଲ କରିବାକୁ ଭାରପ୍ରାପ୍ତ ଅଧିକାରୀ ମାନସ କୁମାର ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା କର୍ମଚାରୀଙ୍କ ଏହା ଦୃଷ୍ଟିଗୋଚରକୁ ଆସିଛି । ଖଇରା ଭଳି ରୋଗୀ ବହୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନି ନିରାପତ୍ତା ଭଳି ସମ୍ବେଦନଶୀଳ ବିଷୟକୁ ଅଣଦେଖା କରାଯିବାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ ପାଳନ ଅବସରରେ ଅଗ୍ନିଶମ ବିଭାଗ ତରଫରୁ ଚଳିତବର୍ଷ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମକଡ୍ରିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଯେତେବେଳେ ଅଗ୍ନିଶମ କର୍ମଚାରୀ ମେଡିକାଲ କର୍ତ୍ତୃପକ୍ଷକୁ ଅଗ୍ନି ନିର୍ବାପକ ଯନ୍ତ୍ର ବନ୍ଦୋବସ୍ତ କରିବାକୁ କହିଥିଲେ, ସେତେବେଳେ ଟାଙ୍କିଗୁଡିକରେ କାର୍ବନ ଡାଇଅକସାଇଡ କିଛିଦିନ ତଳେ ଶେଷ ହୋଇଯାଇଥିବା କହିଥିଲେ। ପରେ ଅଗ୍ନିଶମ ବାହିନୀ ବିକଳ୍ପ ସୂତ୍ରରେ ଯୋଗାଡ କରି ମକଡ୍ରିଲ ପ୍ରଦର୍ଶନ କରିଥିଲେ । ଉକ୍ତ ମକଡ୍ରିଲରେ ଭାରପ୍ରାପ୍ତ ଅଧିକାରୀ ମହାନ୍ତିଙ୍କ ସମେତ ଆଗ୍ନିକ ପ୍ରଶାନ୍ତ କୁମାର ସେଠୀ, ଶ୍ରୀନିବାସ ସାହୁ, ଅଜୟ କୁମାର ବେହେରା, ଗାଡି ଚାଳକ ତନ୍ମୟ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଗ୍ନି ନିର୍ବାପକ ବ୍ୟବସ୍ଥାରେ ତ୍ରୁଟି ଥିବା ବିଷୟରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ରଙ୍କୁ ପଚାରିବାରେ କାର୍ବନ ଡାଇଅକସାଇଡ ଶେଷ ହୋଇଯାଇଥିବାରୁ ଏଗୁଡିକ ଫିଲଅପ ପାଇଁ ଭୁବନେଶ୍ୱର ପଠାଯାଇଛି। ସେଠୁ ଆସିବା ପାଇଁ କିଛି ଦିନ ସମୟ ଲାଗିବ ବୋଲି କହିଛନ୍ତି । ହେଲେ ପାଉଡର ଫର୍ମରେ ଏହା ମେଡିକାଲରେ ମହଜୁଦ ଅଛି ବୋଲି କହିଛନ୍ତି । ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ମହାନ୍ତିଙ୍କ କହିବା ଅନୁଯାୟୀ ୨ବର୍ଷ ପୂର୍ବରୁ ଏଠାରେ ଅଗ୍ନି ନିରାପତ୍ତା ସମ୍ବନ୍ଧରେ ଅଭାବ ଅସୁବିଧା ଥିବା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହାକୁ ସୁଧାର ନ ଯିବା ଦୁଃଖର ବିଷୟ ବୋଲି କହିଛନ୍ତି ।



ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

## ଟିକାକରଣ କାର୍ଯ୍ୟକୁ ଫଳପ୍ରଦ କରିବାକୁ ଆହ୍ୱାନ

### କରୋନା ମୁକାବିଲା ଲାଗି ଜିଲା ଭାଜପାର ବୈଠକ

**ବାଲେଶ୍ୱର ଅଫିସ, ୨୦।୪**

ମହାମାରୀ କରୋନା ଦ୍ୱିତୀୟ ଲହରୀକୁ ମୁକାବିଲା ପାଇଁ ବାଲେଶ୍ୱର ଜିଲା ଭାଜପା ତରଫରୁ ଏକ ସାଙ୍ଗଠନିକ ବୈଠକ ମଙ୍ଗଳବାର ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାସଭାପତି ଉମାକାନ୍ତ ମହାପାତ୍ର ଅଧକ୍ଷତା କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲା ପ୍ରଭାରୀ ତଥା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ ଦାସ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ବେହେରା ପ୍ରମୁଖ ଯୋଡ଼ି ହୋଇଥିଲେ।

କରୋନାର ପ୍ରଥମ ଲହରକୁ ଯେମିତି ଭାଜପାର କାର୍ଯ୍ୟକର୍ତ୍ତାମାନେ ଦୃଢ଼ତାର ସହିତ ମୁକାବିଲା କରି ଦୁଃଖୀ, ଗରିବ, ଅସହାୟ, ପ୍ରବାସୀମାନଙ୍କୁ ସେବା ଯୋଗାଇଥିଲେ ଠିକ୍ ସେହି ମନୋଭାବ ନେଇ କାର୍ଯ୍ୟ କରିବାକୁ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ। ସରକାରଙ୍କ ଟିକାକରଣ ଯୋଜନାକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା ପ୍ରଭାରୀ ମହାପାତ୍ର କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଏହି ସମୟରେ ଡାକ୍ତରଖାନାଗୁଡ଼ିକରେ ରକ୍ତର ଅଭାବ ଦେଖାଦେଇପାରେ, ତେଣୁ ଏ ଦିଗରେ ତତ୍ପର ରହିବା ଆବଶ୍ୟକ। ଜିଲା ସଭାପତି ମହାପାତ୍ର କହିଥିଲେ, ଆମେ ସମସ୍ତେ ସରକାରଙ୍କ ନିୟମକୁ ଠିକ୍‌ରେ ପାଳନ କରିବା। ମାସ୍କ ବ୍ୟବହାର କରିବା ସହିତ ଦୂରତ୍ୱ ବଜାୟ ରଖିବା। ଅନ୍ୟମାନଙ୍କୁ ଏ ବିଷୟରେ ପ୍ରବର୍ତ୍ତାଇବା ସହିତ ଶୃଙ୍ଖଳିତ ହୋଇ କାମ କଲେ କରୋନାର ମୁକାବିଲା କରିପାରିବା ବୋଲି ମତ ରଖିଥିଲେ। ସେହିପରି ଜିଲାର ସାଧାରଣ ସମ୍ପାଦକ ପରିଡ଼ା ଜିଲା ତରଫରୁ ଲୋକଙ୍କୁ ସହାୟତା ପାଇଁ ଏକ ହେଲ୍ପଲାଇନ୍ ନମ୍ବର ସହିତ ପ୍ରତ୍ୟେକ ବିଧାନସଭା ମଣ୍ଡଳୀରେ ସ୍ୱେଚ୍ଛାସେବୀ ଗ୍ରୁପ ଗଠନ କରି ଲୋକଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ରାଜ୍ୟ ପ୍ରବକ୍ତା ଦାସ କହିଥିଲେ, କରୋନାର ଏହି ପରିସ୍ଥିତିର ମୁକାବିଲା କରିବା ଆମ ପାଇଁ ଏକ ଆହ୍ୱାନ। ତେଣୁ ବିଶେଷ କରି ଯୁବଗୋଷ୍ଠୀଙ୍କୁ ଏ ଦିଗରେ ଅଧିକ କ୍ରିୟାଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ନୀଳଗିରି ବିଧାୟକ ଇଂ. ନାୟକ କହିଥିଲେ ଯେ, ଜିଲାରେ ଆବଶ୍ୟକତା ତୁଳନାରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ନାହିଁ। ଏ ଦିଗରେ ଜିଲାପାଳଙ୍କ ସହିତ ଆଲୋଚନା କରିବା ପାଇଁ ସେ ଜୋର୍ ଦେଇଥିଲେ। ବୈଠକରେ ଜିଲାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ଜିଲାରୁ ସମସ୍ତ ରାଜ୍ୟ ଅଧିକାରୀ, ବିଧାୟକ ଓ ବିଧାନସଭା ମଣ୍ଡଳୀର ନେତା, ମଣ୍ଡଳ ସଭାପତି ଓ ମୋର୍ଚ୍ଚା ସଭାପତି ଯୋଗଦାନ କରିଥିଲେ।




ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକରେ ଆଲୋଚନା କରାଯାଉଛି।

## ବିଭିନ୍ନ ସ୍ଥାନରେ ବାସନ୍ତିକ ଦୁର୍ଗାପୂଜା

ସୋର,(ଡି.ଏନ.ଏ.)-ମଙ୍ଗଳବାର ପବିତ୍ର ଅଶୋକାଷ୍ଟମୀ ଅବସରରେ ସୋର ବିଭିନ୍ନ ସ୍ଥାନରେ ବାସନ୍ତିକ ଦୁର୍ଗାପୂଜା କରୋନା କଟକଣା ଭିତରେ ନିରାଡ଼ମ୍ବର ଭାବେ ପାଳିତ ହୋଇଛି। ମହୁମୁହାଣ ମନମୋହନ ସ୍ମୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପୂଜା ଘରୋଇ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଦହିସଡ଼ା ଗ୍ରାମରେ ଦୁର୍ଗା ଅଷ୍ଟମୀ ନିରାଡ଼ମ୍ବର ଭାବେ ପାଳିତ ହୋଇଛି। ଅଳ୍ପ ସଂଖ୍ୟକ ଶ୍ରଦ୍ଧାଳୁ କରୋନା ନିୟମ ମାନି ପୂଜା କରିଥିବା ଦେଖାଯାଇଛି। ସୋର ଉତ୍ତରେଶ୍ୱର ନରେନ୍ଦ୍ର ରାଉତଙ୍କ ଘରେ, ସରଶଂଖ ଶାସନ ହରେକୃଷ୍ଣ ମିଶ୍ରଙ୍କ ଘରେ ଏହି ପୂଜା ଉତ୍ସବ ଆରମ୍ଭ ହୋଇଛି।

## ଆଜି କ'ଣ କେଉଁଠି

ଭଦ୍ରକ
- ୪୫ ତମ ଶ୍ରୀରାମ ନବମୀ ମହୋତ୍ସବ। ସ୍ଥାନ- ବନ୍ତ ବ୍ଲକ ଟିଲୋ, ସମୟ: ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ଗୁଜରାଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ବାଲିଆପାଳ, ୨୦।୪(ସ୍ୱ.ପ୍ର.):** ଗୁଜରାଟର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ପଙ୍କଜ ଦାସ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ସେ ଗତ ୬ବର୍ଷ ହେଲା ଗୁଜରାଟରେ କାମ କରୁଥିଲେ। ଗତବର୍ଷ କରୋନା ସମୟରେ ଘରକୁ ଆସିଥିଲେ। ସ୍ଥିତି ସ୍ୱାଭାବିକ ହେବା ପରେ ପଙ୍କଜ ଗତ ୪ମାସ ପୂର୍ବେ ପୁଣି ଗୁଜରାଟକୁ ଫେରି ଯାଇଥିଲେ। ଶିବରାତ୍ରିଠାରୁ ତାଙ୍କୁ ମଝିରେ ମଝିରେ ଜ୍ୱର ହେଉଥିଲା। ଔଷଧ ଖାଇଲେ ଭଲ ମଧ ହୋଇଯାଉଥିଲା। କିଛିଦିନ ହେବ ଜ୍ୱର ନ ଛାଡ଼ିବାରୁ ସେ କରୋନା ପରୀକ୍ଷା କରାଇବାରୁ ପଜିଟିଭ୍ ବାହାରିଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ବାଲିଆପାଳରୁ ଆମ୍ବୁଲାନ୍ସ ନେଇ ପଙ୍କଜଙ୍କୁ ଆଣିବା ପାଇଁ ଗୁଜରାଟ ଯାଇଥିଲେ। ସେଠାରୁ ୬ଶହ କି.ମି. ଆସିବା ପରେ ସୀମାନ୍ତରେ ପଙ୍କଜଙ୍କ ମୃତ୍ୟୁ ହୋଇଥିଲା। ଏହାଦେଖି ଆମ୍ବୁଲାନ୍ସ ମାଲିକ ଅଧିକ ୬୦ହଜାର ଟଙ୍କା ମାଗିଥିଲେ। ଟଙ୍କା ଦେଇ ନ ପାରିବାରୁ ପରିବାର ଲୋକେ ବାଧ ହୋଇ ତାଙ୍କୁ ଗୁଜରାଟ ଫେରାଇ ନେଇ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।

### ମୃତ ଟ୍ରକ୍ ମାଲିକଙ୍କ ପରିବାରକୁ ସହାୟତା

**ଢେଙ୍କିକୋଟ, ୨୦।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଖଜୁରିଜୁଆଣି ଗ୍ରାମର ମୃତ ଟ୍ରକ ମାଲିକ ଗୋବର୍ଦ୍ଧନ ଦଳେଇଙ୍କ ଦୁଃଖ ସନ୍ତପ୍ତ ପରିବାରଙ୍କୁ ମଙ୍ଗଳବାର ଜିଲା ଟ୍ରକ ମାଲିକ ସଂଘ ତରଫରୁ ଏକ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଟ୍ରକ ମାଲିକ ସଂଘର ସମ୍ପାଦକ ସୂର୍ଯ୍ୟ ନାରାୟଣ କର, ସହସମ୍ପାଦକ ଦେବୁ ପଟ୍ଟନାୟକ, ସ୍ଥାନୀୟ ଟ୍ରକ ମାଲିକ ସଂଘର କାର୍ଯ୍ୟକାରୀ ସଦସ୍ୟ ବିଜୟ୍ କୁମାର ସାହୁ, ଟ୍ରକ ମାଲିକ ଲକ୍ଷ୍ମୀଧର ସାହୁ, ରୁଦ୍ରସେନ ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ଗୋବର୍ଦ୍ଧନ ଦଳେଇ କିଡନୀ ଜନିତ ରୋଗର ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରିଥିଲେ।

### ୫ ଚୋରା ମଦ ବେପାରୀ ଗିରଫ

**ସୋର, ୨୦।୪(ଡି.ଏନ.ଏ.):** ସୋରରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯିବା ସହ ୫ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ବାସନ୍ତୀ ପଲେଇ, ବୁଦ୍ଧିରାମ ସାହୁ, ବିମଳା ବେହେରା, ଗୋବିନ୍ଦା ସାହୁ ଓ ଦୈତାରୀ ଜେନା। ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଆଇଆଇସି ଗାଲୁରାମ ସୋରେନ, ନୀଳଗିରି ଅବକାରୀ ଆଇଆଇସି ନାରାୟଣ ବେହେରା ଓ ସୋର ଅବକାରୀ ଅଧିକାରିଣୀ ସ୍ୱାତୀ ପଟ୍ଟନାୟକ ମିଳିତ ଭାବେ ଚଢାଉରେ ସାମିଲ ଥିଲେ। ଗିରଫ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଅଭିଯୋଗ

**ହାଟଡିହୀ, ୨୦।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଢେଙ୍କା ପଞ୍ଚାୟତର କେତେକ ଲୋକ ସେମାନଙ୍କ ସମସ୍ୟା ନେଇ ବିଡିଓ ଜୟଦେବ ଦାସଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସରକାରୀ ଆବାସ ଯୋଜନାରେ ସେମାନେ ଘର ପାଇଥିବା ବେଳେ ଜବ କାର୍ଡ ମଜୁରୀ ପାଉ ନାହାନ୍ତି। ପଞ୍ଚାୟତର ଜିଆରଏସ ମଜୁରୀ ଅନୁଦାନକୁ ହେରଫେର କରୁଥିବା ମଧ ଅଭିଯୋଗ ହୋଇଛି। ଫଳରେ ବିଡିଓ ସେମାନଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ସମ୍ପୃକ୍ତ ଜିଆରଏସ ଏ ବାବଦରେ ପଚାରି ଏକ ତଦନ୍ତ ଆରମ୍ଭ କରିଛନ୍ତି। ଯଦି ଲୋକଙ୍କ ଅଭିଯୋଗ ତଦନ୍ତ ରେ ସତ ପ୍ରମାଣିତ ହୁଏ, ତେବେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଜିଆରଏସ ପ୍ରଫୁଲ୍ଲ ମାଝୀ କହିଛନ୍ତି, ଜବ କାର୍ଡ ଅନୁଦାନରେ କୌଣସି ହେରଫେର ହୋଇନି। ଏପରି ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଅଟେ ଏହା ମୋ ପାଇଁ ଏକ ଷଡଯନ୍ତ୍ର ଅଟେ। ଜବ କାର୍ଡ ମଜୁରୀ ସରକାରୀ ଆବାସ ଗୃହ ପାଇଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଯାଇଛି। କେତେକ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ହିତାଧିକାରୀଙ୍କୁ ଢାଲ କରୁଛନ୍ତି।

# ବିଭିନ୍ନ ଦାବିରେ ୪ ସରପଞ୍ଚଙ୍କ ଧାରଣା

**ଯୋଡା,୨୦।୪(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ଜୁରୁଡିସ୍ଥିତ ଓଏମ୍‌ସି ଖଣିରେ ସ୍ଥାନୀୟ ନିଯୁକ୍ତି, ପରିବହନ ଓ ଲୋଡିଂ କାର୍ଯ୍ୟ ସହିତ ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ୪ ପଞ୍ଚାୟତର ସରପଞ୍ଚମାନେ ଖଣି କାର୍ଯ୍ୟାଳୟ ସମ୍ମୁଖରେ ୨ଦିନ ଧରି ଧାରଣାରେ ବସିଛନ୍ତି। ଜଳହରି, ଜଜାଙ୍ଗ, ଜୁରୁଡି ଓ ପଳସା ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପରୋକ୍ତ ଦାବି ଉପସ୍ଥାପନ କରି ଧାରଣାରେ ବସିଛନ୍ତି। ଜଜାଙ୍ଗ ସରପଞ୍ଚ ରତ୍ନମଣୀ ନାଏକ କହିଛନ୍ତି, ପୂର୍ବରୁ ଏହି ଖଣିରେ ଏସେଲ କମ୍ପାନୀ କାର୍ଯ୍ୟକରି ଆସୁଥିଲା। ସରକାରଙ୍କର ନିଲାମ ପ୍ରକ୍ରିୟା ପରେ ଓଡିଶା ଖଣି ନିଗମକୁ ଏହି ଖଣି ଦିଆଗଲା। ପୂର୍ବରୁ କାର୍ଯ୍ୟ କରୁଥିବା ସ୍ଥାନୀୟ ଶ୍ରମିକ ଓ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯିବାର ଓଡିଶା ଖଣି ନିଗମ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଓଡିଶା ଖଣି ନିଗମ ଠିକା ସଂସ୍ଥା ମାଧ୍ୟମରେ ଖଣି କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରିଛି। ଏ ନେଇ ୪ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟମାନେ ଲିଖିତ ଭାବେ ଓଡିଶା ଖଣି ନିଗମ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ।

ଗତ ୩ ତାରିଖରେ ଏକ ବୈଠକ ଓଏମ୍‌ସି ଖଣି ଜିଲିଂ କାର୍ଯ୍ୟାଳୟରେ ବଡବିଲ ରିଜିଓନାଲ ଅଫିସର ଡିଜିଏମ(ପରସନାଲ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ନିଯୁକ୍ତି, ଟ୍ରାନ୍ସପୋର୍ଟିଂ ଏବଂ ଲୋଡିଂ, ସ୍ଥାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ରେଳ ର୍ୟାକ୍ ଲୋଡିଂ ଏବଂ ଲେବଲିଂ ପ୍ରଭୃତି ଦାବି ଉପରେ ଆଲୋଚନା କରାଯାଇଥିଲା। ଓଡିଶା ଖଣି ନିଗମ ପକ୍ଷରୁ ଉକ୍ତ ଦାବି ଗୁଡିକର ସମାଧାନ କରାଯିବାର ପ୍ରତିଶ୍ରୁତି ମଧ ଦିଆଯାଇଥିଲେ ମଧ କର୍ତ୍ତୃପକ୍ଷ ଶୁଣୁ ନ ଥିବାରୁ ଏହି ଧାରଣା ଦିଆଯାଇଥିବା ଅଭିଯୋଗ ହୋଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ୨ଦିନ ଧରି ବସି ରହିଥିଲେ ହେଁ କୌଣସି ପ୍ରଶାସନିକ ଅଧିକାରୀ ସେଠାକୁ ଆସି ନାହାନ୍ତି ବୋଲି ଯୋଡ଼ା ବ୍ଲକ ଅଧକ୍ଷା ସୁକୁମାରୀ ଦେହୁରୀ କହିଛନ୍ତି। ଓଏମସିର ସିଏସଆର ଅଧିକାରୀ ନୂତନ ରାଉତ କହିଛନ୍ତି, ବିଭିନ୍ନ ଦାବି ନେଇ ସରପଞ୍ଚମାନେ ବସିଛନ୍ତି। ଓଡିଶା ଖଣି ନିଗମର ବରିଷ୍ଠ ଅଧିକାରୀମାନେ ସେଠାରେ ପହଞ୍ଚି ଏହାର ସମାଧାନ ପାଇଁ ଚେଷ୍ଟା କରିବେ।

# ପଦ୍ମନାଭପୁର, ଶୁଖୁଆପଡ଼ାରେ ଟୋଲ୍ ଆଦାୟ ବନ୍ଦ ଦାବି



ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ବାରିପଦା ଅଫିସ,୨୦।୪**

ମୟୂରଭଞ୍ଜ ଜିଲା ଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥର ଶୁଖୁଆପଡ଼ା ଓ ପଦ୍ମନାଭପୁର ଟୋଲ୍ ଗେଟରୁ ଆଦାୟ କରାଯାଉଥିବା ଶୁଳ୍କକୁ ବିରୋଧ କରି ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳ ଓ ଏସପିଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏନେଇ ଜିଲା କଂଗ୍ରେସର ନଗର ସଭାପତି ଶାନ୍ତନୁ ପାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଟୋଲ୍ ଆଦାୟକୁ ବନ୍ଦ କରିବା ପାଇଁ କହିଛନ୍ତି । ଏକବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ ରାଜପଥର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଓଭରବ୍ରିଜ୍ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନିଶୁଳ୍କ ସେବା ଯୋଗାଇ ଦେବା ସହ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ ପରେ ଟୋଲ ଆଦାୟ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ସଞ୍ଜୟ ସେଠୀ, କୁଶ ବେହେରା, ସୁଶାନ୍ତ ବିଶ୍ୱାଳ, ଅମୂଲ୍ୟ ପାଣିଗ୍ରାହୀ, ରବୀନ୍ଦ୍ର ମହାନ୍ତ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ବାରିପଦାରେ ରୁକୁଣା ରଥଯାତ୍ରା



ରୁକୁଣା ରଥକୁ ଟାଣି ନିଆଯାଉଛି ।

**ବାରିପଦା ଅଫିସ, ୨୦।୪**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ଜରିବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ବଡ଼ଦାଣ୍ଡରେ ରବିବାର ଅଶୋକାଷ୍ଟମୀ ଉପଲକ୍ଷେ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ରଥାରୂଢ଼ ହୋଇ ଅଶୋକବନକୁ ଯାତ୍ରା କରିଥିଲେ। ବାରିପଦା ବଡ଼ ଜଗନ୍ନାଥ ମନ୍ଦିରର ରୀତିନୀତି ଓ ପ୍ରଚଳିତ ପରମ୍ପରା ଅନୁସାରେ ମହାପ୍ରଭୁଙ୍କ ନିକଟରେ ପହଡ଼, ପଣା ଓ ଠା କାର୍ଯ୍ୟ ସମାପନ ହୋଇଥିଲା। ପରିଚ୍ଛା ଜିତ୍ ବାବୁ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇବା ପରେ ମନ୍ଦିରର ୩ ପୂଜାପଣ୍ଡା ପହଣ୍ଡିରେ ତିନି ଦିଅଁଙ୍କୁ ରଥାରୂଢ଼ କରିଥିଲେ। ଏହାପରେ ସୁସଜ୍ଜିତ ରଥକୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ମନ୍ଦିରର ସେବାୟତମାନେ ଜଗନ୍ନାଥ ମନ୍ଦିରରୁ ବଡ଼ଦାଣ୍ଡରେ ଥିବା ଶ୍ରୀରାଧାମୋହନ ମନ୍ଦିର(ମାଉସୀ ମା' ମନ୍ଦିର) ନିକଟକୁ ଟାଣି ନେଇଥିଲେ। ସେଠାରେ ସମସ୍ତ ସେବାୟତ ମା' ଅମ୍ବିକା ମନ୍ଦିରରୁ ପରମ୍ପରା ଅନୁଯାୟୀ ଅଶୋକ ଫୁଲର କଢ଼ି ସଂଗ୍ରହ କରି ରଥ ନିକଟକୁ ଆଣିବା ପରେ ରଥରେ ବିଧିବିଧାନ ଅନୁସାରେ ଅଶୋକ କଢ଼ି ଲାଗି ହୋଇଥିଲା । ଶେଷରେ ରାଧାମୋହନ ମନ୍ଦିର ସମ୍ମୁଖରୁ ରଥ ମୋଡ଼ ନେବା ପରେ ପୁଣି ଥରେ ରଥକୁ ବଡ଼ଦାଣ୍ଡରେ ଟାଣିଟାଣି ବଡ଼ ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ନିକଟରେ ପହଞ୍ଚାଇଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କେନ୍ଦୁଝର, ୨୦।୪(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପୋଶି ପଞ୍ଚାୟତ ମଧୁପୁର ଗ୍ରାମ ଜଙ୍ଗଲ ନିକଟରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ବୟସ ପାଖାପାଖି ୨୫ବର୍ଷ ଅନୁମାନ କରାଯାଉଥିବାବେଳ ତାଙ୍କର ପରିଚୟ ମିଳିନାହିଁ। ପ୍ରାୟ ୨ଦିନ ତଳେ ମୃତ୍ୟୁବରଣ କରିଥିବା ପୋଲିସ ସନ୍ଦେହ କରିଛି। ତେବେ କେହି ଯୁବକଙ୍କୁ ହତ୍ୟା କରିବା ପରେ ଗାମୁଛାରେ ଗଛରେ ଝୁଲାଇ ଦେଇଥିବା ସ୍ଥାନୀୟ ଲୋକ ସନ୍ଦେହ କରୁଛନ୍ତି। ମଙ୍ଗଳବାର ସ୍ଥାନୀୟ ଲୋକେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପଳାଶପଙ୍ଗା ବିଟ ଅଧିକାରୀ ଭୋଳେଶ୍ୱର ନାଏକ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ପଳାଶପଙ୍ଗା ବିଟ୍ ଅଧିକାରୀ ନାଏକ କହିଛନ୍ତି।

# ୩୮ ଚୋରା ଗ୍ୟାସ୍ ସିଲିଣ୍ଡର ଜବତ



ଯୋଗାଣ ବିଭାଗ ପକ୍ଷରୁ ସିଲିଣ୍ଡର ଜବତ କରାଯାଉଛି।

**ବାଲେଶ୍ୱର ଅଫିସ,୨୦।୪**

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ସାର୍ଥା ବଜାରରେ ଯୋଗାଣ ବିଭାଗ ଚଢ଼ାଉ କରି ୩୮ଟି ଚୋରା ଗ୍ୟାସ୍ ସିଲିଣ୍ଡର ଜବତ କରିବା ସହ ବ୍ୟବସାୟୀ ଈଶ୍ୱର ଚନ୍ଦ୍ର ବାରିକ (୬୭)ଙ୍କ ନାମରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ଈଶ୍ୱର ନିକଟସ୍ଥ ଗ୍ରାମରୁ ଲୋକମାନଙ୍କର ଥିବା ଗ୍ୟାସ୍ ସିଲିଣ୍ଡର ଜମା ରଖି ଚୋରା ବ୍ୟବସାୟରେ ନିୟୋଜିତ କରୁଥିଲେ। ଏପରିକି ବାହାଘର, ବ୍ରତ, ବିଭିନ୍ନ ପ୍ରକାର ଉତ୍ସବ କାର୍ଯ୍ୟକ୍ରମରେ ଅଧିକ ଦାମ୍‌ରେ ଯୋଗାଇ ଆସୁଥିଲା। ବିଶେଷ ସୂତ୍ରରୁ ଖବରପାଇ ଯୋଗାଣ ବିଭାଗର ଏକ ଟିମ୍ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଈଶ୍ୱରଙ୍କ ଘର ଉପରେ ଚଢ଼ାଉ କରିଥିଲା। ତାଙ୍କଠାରୁ ୩୮ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଛି। କାର୍ଯ୍ୟରେ ସମ୍ପୃକ୍ତ ଥିବା ଈଶ୍ୱର ଏବଂ ତାଙ୍କ ପୁତ୍ରଙ୍କ ନାମରେ ସାର୍ଥା ଫାଣ୍ଡିରେ ବିଭାଗ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଜବତ କରାଯାଇଥିବା ୩୮ ଗ୍ୟାସ୍ ଟାଙ୍କିକୁ କଷାଫଳ ଗ୍ରାମୀଣ ଗ୍ୟାସ୍ ବିତରକଙ୍କ ଜିମାରେ ରଖାଯାଇଛି। ଅନ୍ୟପକ୍ଷରେ ଅଧିକ ତଦନ୍ତ ମଧ ଜାରି ରହିଥିବା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଚଢ଼ାଉରେ ଯୋଗାଣ ନୀରିକ୍ଷକ ମଧୁସ୍ମିତା ସେନାପତି, ସହ ଯୋଗାଣ ଅଧିକାରୀ ହିମାଂଶୁ ସାହୁ ଓ ଦୀପକ ରଞ୍ଜନ ବେହେରା ପ୍ରମୁଖ ସାମିଲ ଥିଲେ।

# ଭିଡିଓ ଭାଇରାଲ୍ କରି ସିପାହି ନିଲମ୍ବିତ

**ଚିତ୍ରଡ଼ା,୨୦।୪(ଡି.ଏନ.ଏ.)**

**ଚୋର ସନ୍ଦେହରେ ୩ ଯୁବକଙ୍କୁ ମାଡ଼ ଘଟଣା**

ଚୋର ସନ୍ଦେହରେ ୩ ଯୁବକଙ୍କୁ ଗଛରେ ବାନ୍ଧି ମାଡ଼ ମାରିବା ଓ ପରେ ଏହି ଘଟଣାର ଭିଡିଓ ଭାଇରାଲ୍ କରି ୫ମ ବାଟାଲିୟନରେ କାର୍ଯ୍ୟରତ ସିପାହି କାର୍ତ୍ତିକ ହେମ୍ବ୍ରମ ନିଲମ୍ବିତ ହୋଇଛନ୍ତି। କମାଣ୍ଡାଣ୍ଟ ବିଷ୍ଣୁପଦ ଦାସ ତାଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିକଟାମାଟିଆ ଗ୍ରାମର ସିପାହୀ କାର୍ତ୍ତିକଙ୍କ ଫାର୍ମ ହାଉସ୍‌ରୁ ଏକ ପାଣି ମୋଟର ଚୋରି ହୋଇଥିଲା। କାର୍ତ୍ତିକ ଓ ତାଙ୍କ ସହଯୋଗୀମାନେ ସେହି ଅଞ୍ଚଳର ୩ ଯୁବକଙ୍କୁ ଚୋର ସନ୍ଦେହରେ ଧରି ଗାଁ ଦାଣ୍ଡରେ ଥିବା ଏକ ଗଛରେ ବାନ୍ଧି ନିଶୁକ ମାଡ଼ ମାରିଥିଲେ। ଏହି ମାଡ଼ ଘଟଣାର ଭିଡିଓ ମଧ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମାଡ଼ ଖାଇଥିବା ପ୍ରଫୁଲ୍ଲ ମୁଖି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୫/୨୧) ରୁଜୁ କରି କାର୍ତ୍ତିକଙ୍କ ସମେତ ତାଙ୍କ ସହଯୋଗୀ ଅନନ୍ତ ମାରାଣ୍ଡି ଓ ସୁନିଲ କୁମାର ହେମ୍ବ୍ରମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜଣେ ସିପାହୀ ହୋଇ ଆଇନକୁ ହାତକୁ ନେଇଥିବା ଅଭିଯୋଗରେ କାର୍ତ୍ତିକଙ୍କୁ ନିଲମ୍ବନ କରାଯାଇଥିବା କମାଣ୍ଡାଣ୍ଟ ଦାସ କହିଛନ୍ତି।

# ଦନ୍ତା ଉତ୍ପାତରେ ଫସଲ ନଷ୍ଟ



**ହାଟଡିହୀ, ୨୦।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଗ୍ରାମରେ ଏକ ଦନ୍ତା ହାତୀର ଉତ୍ପାତ ଦିନକୁ ଦିନ ବଢ଼ି ଚାଲିଛି । ବେଳ ବୁଡିଲେ ଲୋକ ମାନେ ଭୟରେ ଘରୁ ବାହାରକୁ ବାହାରି ପାରୁ ନାହାନ୍ତି । ଦନ୍ତାଟି ଗ୍ରାମର ଉମାକାନ୍ତ ସିଂଙ୍କ ବାଡ଼ିରେ ପଶି ହୋଇଥିବା ପରିବା ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି । ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଦନ୍ତାକୁ ଘଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି ।

**The Balasore Bhadrak Central Co-operative Bank Ltd.**
**Head Office: O.T. Road, Balasore-756001**
No.283/2021-22 Date: 20.04.21

**TENDER CALL NOTICE**

Balasore Bhadrak Central Cooperative Bank Ltd., Balasore invites sealed tender in the prescribed format from the intending registered Firms/ Agencies for deployment Armed Security Guard, Non-Armed Security Guard with Lathi, Office Attendant and other category of personnel in Head Office, Branches & ATMs of the Balasore Bhadrak Central Cooperative Bank Ltd.
Tender paper can be obtained from the Office of the Manager I/C (HRD) of the Balasore Bhadrak Central Cooperative Bank Ltd., Balasore on the payment of Rs.1,000/- (Rupees one thousand) only during the office hour i.e. 10.30 A.M. to 5 P.M. from 21.04.2021 to 27.04.2021 and same will be opened on 28.04.2021 at 4.00 P.M. in presence of bidders or their authorized representative if any.
The authority of the Bank reserves the right to accept or reject the quotation without assigning any reason thereof.
**Sd./- Narayan Madhei, Chief Executive Officer, BBCC Bank, Balasore**

# କଲଣ୍ଡା ଗ୍ରାମରୁ କୁଟୁରା ଉଦ୍ଧାର

**କେନ୍ଦୁଝର,୨୦।୪(ସ୍ୱ.ପ୍ର.)**



କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଲଣ୍ଡା ଗ୍ରାମରୁ ଗତ ସୋମବାର ସନ୍ଧ୍ୟାରେ ଏକ କୁଟୁରା ଉଦ୍ଧାର କରାଯାଇ ବନବିଭାଗକୁ ହସ୍ତାନ୍ତର କରାଯାଇଛି। ନିକଟସ୍ଥ ନୟାଗଡ଼ ଜଙ୍ଗଲରୁ କୁଟୁରାଟି ଶିକାରୀ ଓ ବୁଲା କୁକୁରଙ୍କ ଠାରୁ ବର୍ତ୍ତିବା ପାଇଁ ପ୍ରାଣ ବିକଳରେ ଗାଁ ଭିତରକୁ ପଶି ଆସିଥିଲା ବୋଲି କୁହାଯାଉଛି। ଫଳରେ ଲୋକମାନେ ତାକୁ କାବୁ କରିଥିଲେ। ଖବର ପାଇ ପଳାଶପଙ୍ଗା ଫରେଷ୍ଟର ରାମଚନ୍ଦ୍ର ନାଏକ ପହଞ୍ଚି କୁଟୁରା ଟିକୁ ନେଇ ତାର ପ୍ରାଥମିକ ଚିକିତ୍ସା କରିଥିଲେ ଏବଂ ପରେ ନିକଟସ୍ଥ ଜଙ୍ଗଲରେ ମଙ୍ଗଳବାର ଛାଡ଼ି ଦେଇଥିବା ଜଣାପଡ଼ିଛି।

# ବସ୍ତି ମଝିରେ ମଦ ଦୋକାନକୁ ବିରୋଧ

**ଢେଙ୍କିକୋଟ,୨୦।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ଏକ ବସ୍ତି ମଝିରେ ବିଦେଶୀ ମଦ ଦୋକାନ ଖୋଲାଯିବା ଉଦ୍ୟମକୁ ଲୋକେ ବିରୋଧ କରିଛନ୍ତି। ଢେଙ୍କିକୋଟଠାରେ ମଦ ଦୋକାନ ନିମନ୍ତେ ଜିଲାପାଳଙ୍କ ମାଧ୍ୟମରେ ଗତ ସପ୍ତାହରେ ଲଟେରୀ ଉଠାଣ ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରର ବହୁ ମଦ ବ୍ୟବସାୟୀ ଏହି ଲଟେରୀ ଉଠାଣରେ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ବିହାର ରାଜ୍ୟର ଜଣେ ମହିଳାଙ୍କ ନାମରେ ମଦ ଦୋକାନ ନିମନ୍ତେ ଲଟେରୀ ଉଠିଥିଲା। ସେ ତୁରନ୍ତ ଢେଙ୍କିକୋଟରେ ମଦ ଦୋକାନ ଖୋଲିବା ପାଇଁ ଦୋକାନ ଘର ଖୋଜିବାରେ ଲାଗି ପଡ଼ିଥିଲେ। ତାଙ୍କର ଜଣେ ସମ୍ପର୍କୀୟ ଢେଙ୍କିକୋଟ ମଣ୍ଡଳ ସାହି ବସ୍ତି ମଝିରେ ଘର କରି ରହୁଥିବାରୁ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଜମିରେ ଘର କରି ଦୋକାନ ଘର ଭଡ଼ା ସୂତ୍ରରେ ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ବସ୍ତି ବାସିନ୍ଦାଙ୍କ ଅଜାଣତରେ ଗତ ୪ ତାରିଖରେ ଏନେଇ ଏଗ୍ରିମେଣ୍ଟ ମଧ ହୋଇଥିଲା। ଏନେଇ ମଙ୍ଗଳବାର ବସ୍ତିବାସିନ୍ଦା ଏକତ୍ରିତ ବିରୋଧ କରିବା ସହ ଘଟଗାଁ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ସହାୟତା ଅପେକ୍ଷାରେ ୩ ଅନାଥ ଭଉଣୀ ଭାଇ

**ଠାକୁରମୁଣ୍ଡା,୨୦।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ଡଙ୍ଗାଡ଼ିହା ଗ୍ରାମ ଘୁଟୁ ସାହିରେ ୩ ଅନାଥ ଭଉଣୀ ଭାଇ ଅସହାୟ ଭାବେ ଜୀବନ ଅତିବାହିତ କରୁଛନ୍ତି। ୨ ବର୍ଷ ପୂର୍ବେ ସେମାନଙ୍କ ବାପା ଡବ ଶିରକାଙ୍କ ମୃତ୍ୟୁ ହୋଇଥିଲା ବେଳେ ମାନସିକ ବିକୃତି ଘଟିଥିବା ମା' ବେଲ ଶିରକା ୨ ମାସ ତଳେ ଆରପାରିକୁ ଚାଲି ଯାଇଛନ୍ତି। ମା' ବାପାଙ୍କ ମୃତ୍ୟୁ ପରେ ୩ ନାବାଳକ ବେସାହାରା ହୋଇ ପଡ଼ିଛନ୍ତି। ତାଙ୍କ ବଡ଼ଭାଇ ନାଏକା ଶିରକା(୧୮) ଘରୁ କେଉଁଆଡ଼େ ଚାଲିଯାଇଥିବା ବେଳେ ତାଙ୍କର କୌଣସି ଖୋଜ ଖବର ମିଳୁନାହିଁ। ଅନ୍ୟ ୨ ଭାଇ ଦଲ ଶିରକା (୧୬) ଓ ସୁକଲାଲ (୧୫)ଙ୍କ ସହିତ ଭଉଣୀ ଚାନ୍ଦୁରୀ(୧୨) ପଡ଼ୋଶୀଙ୍କ ସହାୟତାରେ ଜୀବନ କାଟୁଛନ୍ତି।



୩ ଅନାଥ ଭଉଣୀଭାଇ ।

୨୦୧୬-୧୭ ଆର୍ଥିକ ବର୍ଷରେ ବାପା ଡବ ଶିରକା ବଞ୍ଚିଥିବା ଅବସ୍ଥାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ପାଇଥିଲେ। ଘରକାମ ସରିଥିବା ବେଳେ ସେଥିରେ କବାଟ ଝରକା ନ ଲାଗି ଫାଇନାଲ୍ ବିଲ ଉଠି ଯାଇଛି। ସେହି ଘରେ ୩ ଭଉଣୀଭାଇ ଦୟନୀୟ ଅବସ୍ଥାରେ ରହୁଛନ୍ତି। ତାଙ୍କ ଘରକୁ ଲାଗି ଜଙ୍ଗଲ ଥିବାରୁ ରାତି ସମୟରେ ହିଂସ୍ର ଜନ୍ତୁଙ୍କ ଭୟ ରହୁଛି। ମା'ଙ୍କ ନାମରେ ଥିବା ଖାଉଟି କାର୍ଡରେ ମିଳୁଥିବା ଚାଉଳ ଆଣି ଯେନତେନ ପ୍ରକାରେ ଚଳିଯାଉଛନ୍ତି। ଆବଶ୍ୟକ ସମୟରେ ସାହି ପଡ଼ିଶା ସେମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛନ୍ତି। ଦୀର୍ଘ ଦିନ ଧରି ନିରୁଦ୍ଦିଷ୍ଟ ଥିବା ସେମାନଙ୍କ ବଡ଼ଭାଇର ସନ୍ଧାନ ସହ ୩ ଅନାଥ ନାବାଳକଙ୍କୁ ପ୍ରଶାସନ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାଙ୍କିରେ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ

**କେନ୍ଦୁଝର, ୨୦।୪(ସ୍ୱ.ପ୍ର.)**

କେନ୍ଦୁଝରର ରାଙ୍କିଠାରେ ଥିବା କୋଭିଡ ହସ୍ପିଟାଲ ମଙ୍ଗଳବାରଠାରୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା। ବୃଦ୍ଧି ପାଉଥିବା କରୋନା ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ଉପରେ ନିୟନ୍ତ୍ରଣ ରଖିବାରେ ଏହା ସହାୟକ ହେବ। ୧୦୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ୨୮ଟି ଆଇସିୟୁ, ୭୨ଟି ସ୍ଥାୟୀ ଅକ୍ସିଜେନ ସୁବିଧା ଥିବା ବେଡ୍ ରହିଛି। ଏହା ଛଡା ଚିକିତ୍ସା ପାଇଁ ସବୁ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଯନ୍ତ୍ରପାତି ଓ ବ୍ୟବସ୍ଥା କରାଯାଇଛି। ଏହି ବେଡ୍ ସଂଖ୍ୟାକୁ ୧୩୦କୁ ବୃଦ୍ଧି କରାଯିବ ବୋଲି କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ସୂଚନା ଦେଇଛନ୍ତି।



